# ସୁଭଦ୍ରା: କନ୍ଧମାଳରେ ଉପକୃତ ହେବେ ୩ ଲକ୍ଷ ମହିଳା

ଫୁଲବାଣୀ,୧୭।୯ (ରାକେଶ କୁମାର ରାଉତ)

ଫୁଲବାଣୀ ସ୍ଥିତ କରୋନେସନ ପଡିଆରେ ମଙ୍ଗଳବାର ସୁଭଦ୍ରା ଯୋଜନାର ଶୁଭାରମ୍ଭ ହୋଇଛି। ଏଥିସହ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାରେ ଗୃହ ପ୍ରବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୋଜନା ଅଧୀନରେ ଯୋଗ୍ୟ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଜିଲାପାଳ ଅମ୍ରିତ ଋତୁରାଜ୍ ଯୋଗଦେଇଥିଲେ। କନ୍ଧମାଳ ଏମ୍‌ପିଙ୍କ ପ୍ରତିନିଧି ଆଦିତ୍ୟ କହଁର, ବିଧାୟକଙ୍କ ପ୍ରତିନିଧି ରମେଶ ଚନ୍ଦ୍ର ମହାନ୍ତି, ବିଡିଓ ପ୍ରତୀକ ସାହୁ ଉପସ୍ଥିତ ଥିଲେ।

**ଫିରିଙ୍ଗିଆ,(ବିମଳ ବିଶାଲ)–** ଫିରିଙ୍ଗିଆରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ନମିତା କହଁର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମ ଉପରେ ଉପସ୍ଥିତ ମହିଳାମାନଙ୍କୁ ଅବଗତ କରାଇଥିଲେ।

**ଜି.ଉଦୟଗିରି,(ଚିନ୍ମୟ କୁମାର ସେଠୀ)–** ହବାକ୍ ଉଚ୍ଚବିଦ୍ୟାଳୟ ଖେଳ ପଡ଼ିଆ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡିଓ ମନୋଜ କୁମାର ଦେବତା, କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡ଼ଙ୍ଗୀ, ସିଡିପିଓ କଳ୍ପନା ଶତପଥୀ ଉପସ୍ଥିତ ଥିଲେ। ବ୍ଲକ ଅଧ୍ୟକ୍ଷା ସୁସ୍ମିତା ପ୍ରଧାନ, ପରିଷଦ ଅଧ୍ୟକ୍ଷା ଦେବସ୍ମିତା ଶତପଥୀ, ଉପାଧ୍ୟକ୍ଷ ଏନ ଲୁକ ପ୍ରମୁଖ ସହଯୋଗ କରିଥିଲେ।

**ଖଜୁରିପଡ଼ା,୧୭।୯(ବିଦୁର ବେହେରା)** ଖଜୁରିପଡ଼ା ସ୍କୁଲ ପଡିଆରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ଜିଲା ପରିଷଦ ଉର୍ବଶୀ ଦିଗାଲ,ସମ୍ମାନିତ ଅତିଥି ଏପିଡି ନରେଶ ନାୟକ, ତହସିଲଦାର ସୌମ୍ୟରଞ୍ଜନ ପାତ୍ର, ବିଡିଓ ଜର୍ଜ ଡୁଙ୍ଗଡୁଙ୍ଗ , ସିଡିପିଓ କ୍ରିଷ୍ଣା ବେହେରା ଉପସ୍ଥିତ ଥିଲେ। ୧୦ ହିତାଧିକାରୀଙ୍କୁ ଆବାସ ଯୋଜନା ଗୃହର କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ୧୦ ହିତାଧିକାରୀଙ୍କୁ ଗୃହ ପ୍ରବେଶ ପାଇଁ ଚାବି ପ୍ରଦାନ କରାଯାଇଛି।

**ରାଇକିଆ,(ପ୍ରଦୀପ ବେହେରା)** ରାଇକିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିବା ହିତାଧିକାରୀଙ୍କୁ ନେଇ ଗୃହ ପ୍ରବେଶ କାର୍ଯ୍ୟକ୍ରମ ହୋଇଛି। ବିଡିଓ ସୀମାଞ୍ଚଳ ମଣ୍ଡଳ, ବ୍ଲକ ଅଧ୍ୟକ୍ଷ ପ୍ରୀତମ ପ୍ରଧାନ, ପୂର୍ବତନ ଜି ଉଦୟଗିରି ବିଧାୟକ ମନୋଜ ପ୍ରଧାନ, ଏମ୍‌ପି ପ୍ରତିନିଧି ସନ୍ତୋଷ ଲେଙ୍କା ଉପସ୍ଥିତ ଥିଲେ।

**କ.ନୂଆଗାଁ(କାଳୀ ପ୍ରସାଦ ତ୍ରିପାଠୀ):** କ.ନୂଆଗାଁ ହାଇସ୍କୁଲ ଖେଳ ପଡିଆରେ କ.ନୂଆଗାଁ ତହସିଲଦାର ତଥା ଭାରପାପ୍ତ ବିଡିଓ ରାମକୃଷ୍ଣ ମିଶ୍ର ସୁଭଦ୍ରା ଯୋଜନା ବିଷୟରେ ବୁଝାଇଥିଲେ। ପିଏମ ଆବାସ ୧୦ ଜଣ ହିତାଧିକାରୀଙ୍କୁ ଗୃହ ପ୍ରବେଶ ଚାବି ଓ ୬ ଜଣଙ୍କୁ କାର୍ଯ୍ୟାଦେଶ ଦେଇଥିଲେ।

**ତୁମୁଡିବନ୍ଧ,(ଦୀପକ କୁମାର ପରାସେଠ)** ତୁମୁଡିବନ୍ଧ ବ୍ଲକ ପକ୍ଷରୁ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟଅତିଥି ରୂପେ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ମାଝୀ, ଏମ୍‌ପି ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ପାଢ଼ୀଉପସ୍ଥିତ ଥିଲେ।

**ଚକାପାଦ,(ପ୍ରତାପ କିଶୋର ବେହେରା)–** ଚକାପାଦ ବ୍ଲକରେ ବିଧାୟକ ଉମା ଚରଣ ମଲ୍ଲିକ, ବ୍ଲକ୍ ଅଧ୍ୟକ୍ଷା ବୈନେତ୍ରୀ କହଁର, ଜିଲା ପରିଷଦ ସଭ୍ୟା ରଚନା ନାୟକଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ୧୦ ଜଣ ମା'ଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଗୃହର କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ବିଦ୍ୟୁତ୍ ସଂସ୍ପର୍ଶରେ ବୃଦ୍ଧଙ୍କ ମୃତ୍ୟୁ

ଦାରିଙ୍ଗବାଡି, ୧୭।୯ (ଅରୁଣ ସାହୁ )

କନ୍ଧମାଳ ଓ ଗଞ୍ଜାମ ସୀମାରେ ଥିବା ବାଇମାଲା ଗାଁରେ ସୋମବାର ସନ୍ଧ୍ୟାରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ରମେଶ ପ୍ରଧାନ (୬୨)। ବିଦ୍ୟୁତ୍ ବିଭାଗ ଫୋନ୍ ନ ଉଠାଇବାରୁ ରମେଶଙ୍କ ମୃତ୍ୟୁ ଘଟିଥିବା ନେଇ ପରିବାର ଲୋକେ ସ୍ଥାନୀୟ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ଚାପା ଉତ୍ତେଜନା ଲାଗି ରହିଛି।

ପ୍ରକାଶ ଯେ, ସୋରଡ଼ା ଥାନା ଗାଜଲବାଡି ପଞ୍ଚାୟତର ବାଇମାଲା ଗାଁଟି ଦାରିଙ୍ଗବାଡି ନିକଟରେ ରହିଛି। ଉକ୍ତ ଗାଁରେ ଲଘୁଚାପ ଜନିତ ବର୍ଷା ଲାଗି ରହିଥିବା ବେଳେ ରମେଶଙ୍କ ବାଡି ପଟେ ଏକ ଅମୃତଭଣ୍ଡା ଗଛ ବର୍ଷାରେ ଭାଙ୍ଗି ବିଦ୍ୟୁତ୍ ତାର ଉପରେ ପଡିଯାଇଥିଲା। ଫଳରେ ତାର ଛିଣ୍ଡି ଯାଇଥିଲା। ଏହି ସମୟରେ ରମେଶ କଣ ପଡ଼ିଲା ବୋଲି ଶବ୍ଦ ଶୁଣି ବାଡିକୁ ଯାଇଥିଲେ। ଫଳରେ ସେ ବିଦ୍ୟୁତ ସଂସ୍ପର୍ଶରେ ଆସିଯାଇଥିଲେ। ତାଙ୍କ ପାଟି ଶୁଣି ପରିବାର ଲୋକେ ପହଞ୍ଚି ବିଦ୍ୟୁତ୍ ବିଭାଗକୁ ଫୋନ କରିଥିଲେ। କିନ୍ତୁ ସେମାନେ ନିକଟସ୍ଥ ବିଦ୍ୟୁତ୍ ବିଭାଗ ସହ ଯୋଗାଯୋଗ କରିବାକୁ କହିଥିଲେ। ହେଲେ ବିଦ୍ୟୁତ୍ କାଟ୍ ପାଇଁ କୌଣସି ପଦକ୍ଷେପ ନେଲେ ନାହିଁ ବୋଲି ମୃତକଙ୍କ ପରିବାରର ବଡ଼ ପୁଅ ଅପନା ପ୍ରଧାନ ଅଭିଯୋଗ କରିଛନ୍ତି। ପରିବାର ଲୋକ ଏକ ଶୁଖିଲା କାଠରେ ରମେଶଙ୍କୁ ଉଦ୍ଧାର କରି ଦାରିଙ୍ଗବାଡି ମେଡିକାଲକୁ ନେଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକ ଏହାର ତଦନ୍ତ କରି କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି। ଏନେଇ ବିଦ୍ୟୁତ ବିଭାଗର ସହକାରୀ ଯନ୍ତ୍ରୀ ଶିବ ପ୍ରସାଦ ନାୟକଙ୍କୁ ପଚାରିବାରୁ ସେ ଫୋନ ରିସିଭ କରି ତୁରନ୍ତ ରମେଶଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ନେବାକୁ ପରାମର୍ଶ ଦେଇଥିବା କହିଛନ୍ତି। ବିଭାଗର ଏକ ତଦନ୍ତକାରୀ ଟିମ୍ ପହଞ୍ଚି ତଦନ୍ତ କଲା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।

## ଗଜପତିରେ ସୁଭଦ୍ରା ଶୁଭାରମ୍ଭ, ପିଏମ୍ ଆବାସ ବଣ୍ଟନ

ପାରଳାଖେମୁଣ୍ଡି,୧୭।୯(ଗିରିଧାରୀ ପରିଛା)

ଗଜପତି ଜିଲା ସଦରମହକୁମା ଗଜପତି ଷ୍ଟାଡିୟମଠାରେ ଜିଲାସ୍ତରୀୟ ସୁଭଦ୍ରା ଯୋଜନାର ଶୁଭାରମ୍ଭ ମଙ୍ଗଳବାର ହୋଇଛି। ଜିଲାପାଳ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୋହନା ବିଧାୟକ ଦାଶରଥି ଗମାଙ୍ଗ, ସମ୍ମାନିତ ଅତିଥି ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ଡ. ଗୁଣନିଧି ନାୟକ, ଉପଜିଲାପାଳ ଅନୁପ ପଣ୍ଡା, ଗୋଷାଣୀ ବିଡିଓ ଅଜୟ ପ୍ରଧାନ, ପାରଳାଖେମୁଣ୍ଡି ପୌର ନିର୍ବାହୀ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକ, ଜିଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ, ତହସିଲଦାର ନାରାୟଣ ବେହେରା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମନୋରମା ଦେବୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲାର ୧୪୦୧ ଜଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣର କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ୧୦୭ ହିତାଧିକାରୀ ସେମାନଙ୍କ ନିର୍ମିତ ନୂତନ ଘରେ ପ୍ରବେଶ କରିଥିଲେ। ଏହି ଅବସରରେ ଅକ୍ଟୋବର ୨ ପର୍ଯ୍ୟନ୍ତ ପାଳିତ ହେଉଥିବା ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ଜିଲାପାଳ ସମସ୍ତଙ୍କୁ ସ୍ୱଚ୍ଛତା ହିଁ ସେବାର ଶପଥ ପାଠ କରାଇଥିଲେ। ଜିଲା ସମାଜ ମଙ୍ଗଳ ବିଭାଗ ଅଧିକାରୀ ନମିତା ମହାରଣା, ଗୋଷାଣୀ ସିଡିପିଓ ସାରଳା ପାତ୍ର, ଜିଲା ପରିଷଦର ଜି.ସୁନୀଲ ବାବୁ ଉପସ୍ଥିତ ଥିଲେ।

**କାଶୀନଗର,(ଟି. କ୍ରିଷ୍ଣାରାଓ) –** କାଶୀନଗରରେ ଆୟୋଜିତ ସମାବେଶରେ ଏନଏସି ଅଧ୍ୟକ୍ଷା ଏମ. ସୁଧାରାଣୀ, ନିର୍ବାହୀ ଅଧିକାରୀ ଭଗବତ ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷା ବି.ସାୟାମ୍ମା, ବିଡିଓ ଡମ୍ବରୁଧର ମଲ୍ଲିକ, ସିଡିପିଓ କନକଲତା ପୂଜାରୀ, ଅତିରିକ୍ତ ତହସିଲଦାର ତ୍ରିନାଥ ସାହୁଙ୍କ ସାହୁଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

**ଆର.ଉଦୟଗିରି(ମନୋଜ କୁମାର ପାଢୀ):–** ଆର. ଉଦୟଗିରି ବ୍ଲକ ଶିବ ମନ୍ଦିର ପଡିଆରେ ସୁଭଦ୍ରା ଯୋଜନା ଲୋକାର୍ପଣ କାର୍ଯ୍ୟକ୍ରମ ପାଇଁ ବ୍ୟବସ୍ଥା କରାଯାଇଥିଲା। ଏଥିରେ ବିଡିଓ ଲରିମନ ଖର୍ସେଲ,ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀନାରାଣ ଶବର, ତହସିଲଦାର ଜ୍ୟୋତିମୟ ଦାସ, ଜିଲା ପରିଷଦ ସଭ୍ୟ ଦଣ୍ଡପାଣି ବଡମୁଣ୍ଡି ଓ ସିଡିପିଓ ଲଳିତା ପୂଜାରୀ ଅତିଥି ରୂପେ ଉପସ୍ଥିତ ଥିଲେ। ଏହି ଅବସରରେ ନୂତନ ଭାବେ ପ୍ରଧାନମନ୍ତୀ ଆବାସଗୃହ ପାଇଥିବା ୧୦ ଜଣଙ୍କୁ କାର୍ଯ୍ୟଦେଶ ପ୍ରଦାନ କରାଯାଇଥିଲା।

**ମୋହନା,(ମନ୍ମଥ ମିଶ୍ର)–**ମୋହନା ହାଇସ୍କୁଲ ପଡ଼ିଆରେ ହୋଇଥିବା କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ମହିଳାମାନେ ଯୋଗ ଦେଇଥିଲେ। ଏପରିକି ବସିବାକୁ ଜାଗା ନ ମିଳିବାରୁ ଅନେକ ମହିଳା ନିକଟରେ ଥିବା ଏକ ଗଛ ମୂଳେ ବସିଥିବା ଦେଖିବା ଦେଖିବାକୁ ମିଳିଥିଲା।

**ନୂଆଗଡ଼,(ଯୋଗ୍ୟବନ୍ତ ପରିଛା)–** ନୂଆଗଡ଼ ବ୍ଲକ ଖଜୁରୀପଦା ବାବା ସାହେବ ଆମ୍ବେଡକର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପଡିଆରେ ହୋଇଥିବା ଶୁଭାରମ୍ଭ କାର୍ଯ୍ୟକ୍ରମରେ ସିଡ଼ିପିଓ ରଜେଶ୍ୱରୀ ପାତ୍ର, ବିଡିଓ ଲୋକନାଥ ଶବର, ବ୍ଲକ ଅଧ୍ୟକ୍ଷା ମାଳତୀ ପ୍ରଧାନ, ଉପାଧ୍ୟକ୍ଷ ନିହିମୀୟ ରଇତଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ବ୍ଲକର ୧୨୪ ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଜିପିଓ ନୃସିଂହ ଚରଣ ମିଶ୍ର ପରିଚାଳନା କରିଥିଲେ।

## ବେଆଇନ ବାଲିଘାଟରୁ ୩ ଟ୍ରାକ୍ଟର ଜବତ

ଆସିକା,୧୭।୯(ସୁରେନ୍ଦ୍ର ନାଥ ସାହୁ)

ଆସିକା ଏନ୍‌ଏସିର ସୁନାମ୍ବ ସାହି ଆଦର୍ଶ ଶ୍ମଶାନ ନିକଟ ଋଷିକୂଲ୍ୟା ନଦୀପଠା ବେଆଇନ ବାଲିଘାଟରୁ ବାଲି ଚାଲାଣ କରୁଥିବା ୩ଟି ଟ୍ରାକ୍ଟରକୁ ଜବତ କରାଯାଇଛି । ବାଲି ଚାଲାଣ ସମ୍ପର୍କରେ ଖବରପାଇ ମଙ୍ଗଳବାର ଅପରାହ୍ନରେ ଆସିକା ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ଏହି ଗାଡିସବୁ ଜବତ କରିଥିଲେ । ଜବତ ୩ ଟ୍ରାକ୍ଟର ଆସିକା ତହସିଲ କାର୍ଯ୍ୟାଳୟ ପରିସରରେ ରଖାଯାଇଥିବା ବେଳେ ବୁଧବାର ଆଇନଗତ କାର୍ଯ୍ୟାନୁଷ୍ଠାନ ଲାଗି ପଦକ୍ଷେପ ନିଆଯିବ ବୋଲି ତହସିଲଦାର ସୂଚନା ଦେଇଛନ୍ତି। ସୁନାମ୍ବ ସାହି ବେଆଇନ ବାଲିଘାଟରୁ ଗତ କିଛି ଦିନ ହେଲା ଦିନରାତି ଅବାଧରେ ବାଲିଚାଲାଣ ହେଉଥିବାରୁ ଜନସାଧାରଣ ନାହିଁ ନ ଥିବା ହଇରାଣ ହେଉଛନ୍ତି।

## ବିଦେଶୀ ମଦ ଜବତ, ଅଭିଯୁକ୍ତ ଜେଲ ଗଲେ

ଦିଗପହଣ୍ଡି,୧୭।୯(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ଅବକାରୀ ଏସଆଇ ଅନିତା ପ୍ରଧାନ ମଙ୍ଗଳବାର ବେଆଇ ମଦ ବିକ୍ରି ଅଭିଯୋଗରେ ଅମଳାଗୁଡ଼ା ଗ୍ରାମର ପାଣ୍ଡବ ବିଷୋୟୀଙ୍କୁ କୋର୍ଟ ଚାଲାଣ କରିଛନ୍ତି। ଅବକାରୀ ମାମଲା ନଂ.୧୦୩/୨୪-୨୫ ଅନୁଯାୟୀ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବଜେଲକୁ ପଠାଯାଇଛି। ସୋମବାର ସନ୍ଧ୍ୟାରେ ଦିଗପହଣ୍ଡି ପୋଲିସ ଏବଂ ଅବକାରୀ ଏସ୍‌ଆଇ ସଦଳବଳ ପାଟ୍ରୋଲିଂ କରୁଥିବା ବେଳେ ଅମଳାଗୁଡ଼ା ଗ୍ରାମ ରାସ୍ତାକଡ଼ର ବୁଦା ମୂଳରେ ଅଭିଯୁକ୍ତ ଜଣକ ସନ୍ଦେହଜନକ ଭାବେ ବସିଥିଲେ। ଖାନତଲାସ କରିବାରୁ ତାଙ୍କ ନିକଟରୁ ବିଭିନ୍ନ କମ୍ପାନୀ ପ୍ରସ୍ତୁତ ୪୦ ବିଦେଶୀମଦ ବୋତଲ ମିଳିଥିଲା। ଅବକାରୀ ଏସ୍‌ଆଇ ତାଙ୍କୁ ରାତି ପ୍ରାୟ ୯ ଟାରେ ଗିରଫ କରିଥିଲେ।

## ଶ୍ରୀଅରବିନ୍ଦ ଶକ୍ତିପୀଠ ପ୍ରତିଷ୍ଠା ଦିବସ ପାଳିତ




ଭଞ୍ଜନଗର,୧୭।୯(ବାବୁଲା ପ୍ରଧାନ)

ଭଞ୍ଜନଗର ଶ୍ରୀଅରବିନ୍ଦ ଶକ୍ତିପୀଠ ଏବଂ ଧ୍ୟାନ ମନ୍ଦିର ପ୍ରତିଷ୍ଠା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ଆଧ୍ୟାତ୍ମିକ ସମ୍ମିଳନୀରେ ଗଞ୍ଜାମ ଓ କନ୍ଧମାଳ ଜିଲାର ବିଭିନ୍ନ ପାଠଚକ୍ରରୁ ଆସିଥିବା ଶତାଧିକ ସାଧିକା, ସାଧକ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ସକାଳେ ଅଞ୍ଚଳ ସଙ୍ଗଠକ ରଘୁନାଥ ପଣ୍ଡା ମାତୃପତାକା ଉତ୍ତୋଳନ କରିଥିଲେ। ସଭାରେ ଆସ୍କରୁହା ମଣ୍ଡଳ ଆବାହକ ଭାଗିରଥି ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଧ୍ୟାତ୍ମିକ ଆଲୋଚନା କରିଥିଲେ।

ପ୍ରଥମ ଅଧିବେଶନରେ ଅଧ୍ୟାପକ କୃତିବାସ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଶ୍ରୀଅରବିନ୍ଦ ଶ୍ରୀକ୍ଷେତ୍ର ଡାଲିଯୋଡ଼ା ଆଶ୍ରମର ସାଧକ ପ୍ରଭାତ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀଅରବିନ୍ଦଙ୍କ ଦେହାନ୍ତର ମହତ୍ତ୍ୱ ସମ୍ପର୍କରେ କହିଥିଲେ। ଏହାକୁ ମୁଖ୍ୟ ଦ୍ରଷ୍ଟି ଲଲାଟେନ୍ଦୁ ସାମନ୍ତ ପରିଚାଳନା କରିଥିଲେ। ଜିଲା ଆବାହକ ଶଶଧର ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ। ବରିଷ୍ଠ ସାଧକ ଲକ୍ଷ୍ମୀଚରଣ ଦାସ, ଶିବ ରାମ ପଣ୍ଡା, ମହିଳା ପାଠଚକ୍ର ଜିଲା ସଭାନେତ୍ରୀ କମଳା କୁମାରୀ ଦେଓ ପ୍ରମୁଖ ଉପସ୍ଥିତ ଥିଲେ। ସଭା ପ୍ରାରମ୍ଭରେ ସୁନୀତା ପାଣିଗ୍ରାହୀ ମା' ବହି ଓ ମଧୁସ୍ମିତା ସାହୁ ଦୁର୍ଗା ସ୍ତୋତ୍ର ପାଠ କରିଥିଲେ। ପ୍ରତିମା ମହାରଣା ଧ୍ୟାନ ପ୍ରାର୍ଥନା ଏବଂ ଜ୍ୟୋତିମୟୀ ପ୍ରଧାନ ମନ୍ତ୍ରପାଠ କରିଥିଲେ। ରତ୍ନ ମଞ୍ଜରୀ ପାଢ଼ୀ, ରମେଶ ବେହେରା, ସୁଜାତା ରାଣୀ ପଣ୍ଡା,ରଶ୍ମିତା ସାହୁ,ବିଦେଶୀ ସାହୁ, ସୁଷମା ପଣ୍ଡା, ସବିତା ଦାସ, ସୁଚିତ୍ରା ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିଦ୍ୟାଳୟରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ

ଆର,ଉଦୟଗିରି,୧୭।୯ (ମନୋଜ କୁମାର ପାଢୀ)

ଆର, ଉଦୟଗିରି ବ୍ଲକ ଅଧୀନରେ ଥିବା କେ.ଏମ୍. ଭଲିଆସାହି ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ମାୟାଧର ସାହୁଙ୍କ ନିର୍ଦ୍ଦେଶ ତଥା ଜିଲା କ୍ରୀଡା ନିରୀକ୍ଷକ ସୁରେନ୍ଦ୍ର ପାତ୍ର ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ଦଳବେହେରାଙ୍କ ତତ୍ତ୍ୱାବଧାନ କ୍ରମେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ସୁବାସ ଚନ୍ଦ୍ର ସାହୁ (ସହ ସମ୍ପାଦକ ) ସଞ୍ଜୀବ କୁମାର ଦାଶ (ଜେ. ଆର. ସି. ଅଫିସର )ପ୍ରହ୍ଲାଦ ଶିଅଳ (ଜେ. ଆର. ସି., ଆର. ପି.)ପ୍ରାଥମିକ ଚିକିତ୍ସା ବିଷୟରେ ଶିକ୍ଷା ପ୍ରଦାନ କରିଥିଲେ। ଏହି ଅବସରରେ ଯୁବ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରିଶ ଚନ୍ଦ୍ର ଦୀକ୍ଷିତ ଏବଂ ଯୋଡଝୁମ୍ପ ଉଚ୍ଚ ବିଦ୍ୟାଳୟରୁ ଶିକ୍ଷକ ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ଜେନା ଉପସ୍ଥିତ ଥିଲେ। ସେହିପରି ଶୁଣ୍ଠୁରୁବଟ କଲ୍ୟାଣ ବିଭାଗ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ଜିଲା ରେଡ଼କ୍ରସ ଅଧିକାରୀ ସଂଜୀବ କୁମାର ଦାସ ଯୋଗ ଦେଇ ଥିଲେ। କାର୍ଯ୍ୟକ୍ରମରେ ପ୍ରାଥମିକ ଚିକିତ୍ସାର ଉପଯୋଗ ଓ ବ୍ୟାଣ୍ଡେଜ କିପରି ବନ୍ଧା ଯାଏ ସେ ନେଇ ଶିକ୍ଷାଦାନ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ଏମ୍ କଳ୍ପନା, ଭାରତୀ ପାତ୍ର ଉପସ୍ଥିତ ଥିଲେ। ଏଥିରେ ପ୍ରାୟ ୨୫୦ ଛାତ୍ରୀ ଅଂଶ ଗ୍ରହଣ କରିଥିଲେ।

## ଏନ୍‌ଏସି ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

### ମିଳିମିଶି ସୁଭଦ୍ରା ଶୁଭାରମ୍ଭ କଲେ

ଭଞ୍ଜନଗର,୧୭।୯(ବାବୁଲା ପ୍ରଧାନ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ଭୁବନେଶ୍ୱରରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଥିଲେ। ଭଞ୍ଜନଗରରେ ମଧ୍ୟ ଉକ୍ତ ଯୋଜନାର ଶୁଭାରମ୍ଭ ଭିଡିଓ କନଫରେନ୍ସ ମାଧ୍ୟମରେ ହୋଇଥିଲା। ଏନ୍‌ଏସି ଏବଂ ବ୍ଲକ ପକ୍ଷରୁ ମିଳିତ ଭାବେ ହୋଇଥିବା ଏହି କାର୍ଯକ୍ରମରେ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାଜପା ସରକାର ଯାହା ପ୍ରତିଶ୍ରୁତି ଦେଇଥିଲେ ତାହାକୁ କାର୍ଯ୍ୟକାରୀ କରୁଛନ୍ତି ବୋଲି କହିଥିଲେ। ସେଥିମଧ୍ୟରୁ ସୁଭଦ୍ରା ଯୋଜନା ଅନ୍ୟତମ ବୋଲି ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ଅନିଲ କୁମାର ସେଠୀ, ବ୍ଲକ ଅଧ୍ୟକ୍ଷ ନରୀସଭା ନାୟକ, ଉପାଧ୍ୟକ୍ଷା ରାଜଲକ୍ଷ୍ମୀ ପ୍ରଧାନ, ଏନଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ଉପାଧ୍ୟକ୍ଷା ଶୁଭଶ୍ରୀ ଦାସ, ଏମ୍‌ପି ପ୍ରତିନିଧି ସନ୍ତୋଷ ତିଆଡି, ତହସିଲଦାର ଉମାଶଙ୍କର ବେହେରା, ବିଡ଼ିଓ ମନ୍ମଥ ନାୟକ, ସିଡିପିଓ ଲିଲିମା କୁମାରୀ ପଣ୍ଡା, ନିର୍ବାହୀ ଅଧିକାରୀ ମୁରଲି କୃଷ୍ଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହା ପୂର୍ବରୁ ଏନଏସି ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ବିଧାୟକ ନାୟକ ଉଦ୍ୟାନ ବିଭାଗ କାର୍ଯ୍ୟାଳୟରେ ଚାରାରୋପଣ କରିବା ସହ ବସଷ୍ଟାଣ୍ଡରେ ସଫେଇ କର୍ଯ୍ୟରେ ସାମିଲ ହୋଇଥିଲେ।



ବସ୍‌ଷ୍ଟାଣ୍ଡଠାରେ ସଫେଇ କାର୍ଯ୍ୟ ଚାଲିଛି।

## ବିଭିନ୍ନ ସ୍ଥାନରେ ସୁଭଦ୍ରା ଶୁଭାରମ୍ଭ

ଛତ୍ରପୁର,୧୭।୯(ଦିଲୀପ ସାମଲ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭୁବନେଶ୍ୱରଠାରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଭିନ୍ନ ସ୍ଥାନରେ ପ୍ରଶାସନ ପକ୍ଷରୁ ସୁଭଦ୍ରା ଶୁଭାରମ୍ଭ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଛତ୍ରପୁର ଅନସ୍ଲୋ ଖେଳପଡିଆଠାରେ ଏଲଇଡ଼ି ମାଧ୍ୟମରେ ମହିଳାମାନେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖିଥିଲେ। ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ହୋଇଥିବା ଏହି କାର୍ଯ୍ୟକ୍ରମରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଗଞ୍ଜାମ ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ଛତ୍ରପୁର ବ୍ଲକ ଅଧ୍ୟକ୍ଷା କିରଣ କୁମାରୀ ଦାସ, ଉପାଧ୍ୟକ୍ଷା ଏସ. ସାରଦା ରେଡ୍ଡି, ଛତ୍ରପୁର ଏନଏସି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଉପାଧ୍ୟକ୍ଷ ଜି. ପାପା ରାଓ, ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁମିତା, ଡୁଡା ପିଡି ରବୀନ୍ଦ୍ର ପଟେଲ, ଛତ୍ରପୁର ବିଡ଼ିଓ ସୁଶାନ୍ତ ବରାଳ, ଏନଏସି ନିର୍ବାହୀ ଅଧିକାରୀ, ସିଡିପିଓ ପ୍ରଣମିତା ପଣ୍ଡା, ଓଡିଶା ଜୀବିକା ମିଶନର ଛତ୍ରପୁର ବ୍ଲକ ପ୍ରକଳ୍ପ ସଂଯୋଜିକା ମାନିନୀ ଜେନାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱଚ୍ଛତା ହିଁ ସେବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆପ୍‌ର ଶୁଭାରମ୍ଭ ହୋଇଥିଲା।

**ଆସିକା,(ସୁରେନ୍ଦ୍ର ନାଥ ସାହୁ):** ଆସିକା ଟାଉନ ହଲ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ଆସିକା ବିଧାୟକ ସରୋଜ କୁମାର ପାଢୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏନଏସି ଅଧ୍ୟକ୍ଷା ବିନେତା ସ୍ୱାଇଁ, ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ, ବିଡିଓ ଫକୀର ଚରଣ ପରିଡା, ଏସଡିପିଓ ସଞ୍ଜୟ ମହାପାତ୍ର, ନିର୍ବାହୀ ଅଧିକାରୀ ଲୋକନାଥ ବେଜ, ଏନଏସି ଉପାଧ୍ୟକ୍ଷା ଜୟନ୍ତୀ ବିଷୋୟୀ, ଥାନା ଅଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ, ସିଡିପିଓ ଇନ୍ଦିରା ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ।

**ଧରାକୋଟ, (ବିଷ୍ଣୁ କେଶରୀ ଆଚାର୍ଯ୍ୟ):** ଧରାକୋଟ ମିନି ଷ୍ଟାଡିୟମରେ ବିଡିଓ ଡେନିସ ବେହେରାଙ୍କ ଅଧ୍ୟକ୍ଷତାରେ ଏବଂ ଏବିଡିଓ ସୁଶିଲ ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଘୁମୁସର ଜିଲା ଭାଜପା ସଭାପତି ବିଜୟ ସ୍ୱାଇଁ, ସମ୍ମାନିତ ଅତିଥି ଓବିସି ମୋର୍ଚ୍ଚା ଘୁମୁସର ଜିଲା ସଭାପତି ଗଦାଧର ସ୍ୱାଇଁ, ଧରାକୋଟ ମଣ୍ଡଳ ସଭାପତି ୟୁ ପାପା ରାଓ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସଭାପତି ବିଜୟ ସ୍ୱାଇଁ ଉପସ୍ଥିତ ମହିଳାଙ୍କୁ ସ୍ୱଚ୍ଛତା ପାଇଁ ଶପଥ ପାଠ କରାଇଥିଲେ । କାର୍ଯ୍ୟକ୍ରମକୁ ସିଡିପିଓ ସୁନିଲପ୍ରଭା ରଥ ପରିଚାଳନା କରିଥିଲେ।

**କବିସୂର୍ଯ୍ୟନଗର,(କୃପାସିନ୍ଧୁ ସ୍ୱାଇଁ):** କବିସୂର୍ଯ୍ୟନଗର ମିନିଷ୍ଟାଡିୟମଠାରେ ଶିକ୍ଷକ ଦିବାକର ଶତପଥୀଙ୍କ ସଂଯୋଜନା ଓ ବିଡ଼ିଓ ସାଗରିକା ଷଡଙ୍ଗୀଙ୍କ ସଭାପତିତ୍ୱରେ ସୁଭଦ୍ରା ଯୋଜନା ଲୋକାର୍ପଣ ସମାରୋହ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ବେହେରା ଓ ଆସିକା ବିଧାୟକ ସରୋଜ ପାଢ଼ୀ ଯୋଗ ଦେଇଥିଲେ । ବ୍ଲକ ଭାରପ୍ରାପ୍ତ ଅଧ୍ୟକ୍ଷ ବୀରେନ୍ଦ୍ର ଖଟେଇ, ସିଡିପିଓ ବୀଣାପାଣି ମିଶ୍ର, ଆଇଆଇସି ସୁଧୀର ସାହୁ, ଏବିଡ଼ିଓ ନାରାୟଣ ବେହେରା, ଯୋଗ ଦେଇଥିଲେ।


ଛତ୍ରପୁରଠାରେ ଅନୁଷ୍ଠିତ ସୁଭଦ୍ରା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**ଶେରଗଡ,(ସୂର୍ଯ୍ୟ ନାରାୟଣ ଦାଶ):** ଶେରଗଡ ବ୍ଲକରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ବିଡିଓ ଶିବାଶିଷ ବରାଳ, ସିଡିପିଓ ଗୀତାଞ୍ଜଳି ରାଉଳ, ଶେରଗଡ ସମିତିସଭ୍ୟା ସବିତାରାଣୀ ଚୌଧୁରୀ, ସରପଞ୍ଚ ରଞ୍ଜିତା ବେହେରା, ତାକରଡା ସରପଞ୍ଚ ରାଜେନ୍ଦ୍ର ସେଠୀ, ଥାନାଅଧିକାରୀ ବିରେନ୍ଦ୍ର ଶିଆଳ ପ୍ରମୁଖ ଉପସ୍ଥିତ ରହିଥିଲେ।

**ଗଞ୍ଜାମ,(ବିଦ୍ୟାଧର ସାହୁ)–**ଗଞ୍ଜାମ ବ୍ଲକ ଓ ଏନଏସି ପ୍ରଶାସନ ପକ୍ଷରୁ ଭାରତୀ ବିଦ୍ୟାପୀଠ ମିନି ଷ୍ଟାଡିୟମଠାରେ ସୁଭଦ୍ରା ଯୋଜନା ସମ୍ପର୍କିତ ସମାବେଶ ହୋଇଥିଲା। ଏଥିରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାର ଶୁଭାରମ୍ଭ କରିଥିଲେ। ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଏନଏସି ଅଧ୍ୟକ୍ଷା ପ୍ରତିଭା ପାଢ଼ୀ, ତହସିଲଦାର କୁଞ୍ଜ ବିହାରୀ ବଡ଼ଜେନା ଉପସ୍ଥିତ ଥିଲେ। ବିଡିଓ ବସନ୍ତ ମଲ୍ଲିକ ସୁଭଦ୍ରା ଯୋଜନାର ଉପକାରିତା ସମ୍ପର୍କରେ ବୁଝାଇଥିଲେ।

**ବୁଗୁଡା,(କାଳିଚରଣ ଦାଶ)–**ବ୍ଲକ ଓ ଏନ୍‌ଏସି ପ୍ରଶାସନର ମିଳିତ ଆନୁକୂଲ୍ୟରେ ପିପୁଲ୍ସ ହାଇସ୍କୁଲ ମିନି ଷ୍ଟାଡିୟମ ପରିସରରେ ଏହି କାର୍ଯ୍ୟକ୍ରମ ହୋଇଯାଇଛି। ସୁଭଦ୍ରାର ପ୍ରଥମ କିସ୍ତିର ପାଞ୍ଚ ହଜାର ଟଙ୍କା ନିଜ ନିଜର ଆକାଉଣ୍ଟକୁ ଆସିଯାଇଥିବାରୁ ହିତାଧିକାରୀ ମହିଳାଙ୍କ ମଧ୍ୟରେ ଖୁସି ଦେଖିବାକୁ ମିଳିଥିଲା। ବିଡିଓ ସନ୍ତୋଷ ଜେନା, ବ୍ଲକ ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, ଏନ୍‌ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ ଉପସ୍ଥିତ ଥିଲେ।

**ଚିକିଟି,(ପ୍ରକାଶ ଚନ୍ଦ୍ର ସାହୁ)–**ଚିକିଟି ବ୍ଲକ ଓ ଏନଏସିର ମିଳିତ ଆନୁକୁଲ୍ୟରେ ଭିସି ମାଧ୍ୟମରେ ପ୍ରଧାନମନ୍ତ୍ରୀ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଥିଲେ। ଏ ନେଇ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା, ସମ୍ମାନିତ ଅତିଥି ତହସିଲଦାର ବଳଦେବ ବେହେରା, ଲକ୍ଷ୍ମଣ ସୁରେନ, ସିଡିପିଓ ଗୀତାଞ୍ଜଳି ପାଣିଗ୍ରାହୀ ଉପସ୍ଥିତ ଥିଲେ। ୯ ଜଣ ହିତାଧିକାରୀଙ୍କୁ ଅତିଥିମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରିଥିଲେ।

**ବେଲଗୁଣ୍ଠା,(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)–**ବେଲଗୁଣ୍ଠା ବ୍ଲକ ଏବଂ ଏନ୍‌ଏସିର ମିଳିତ ଆନୁକଲ୍ୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ସୋରଡା ବିଧାୟକ ନୀଳମଣି ବିଷୋୟୀ ଯୋଗ ଦେଇ ଯୋଜନାର ଶୁଭ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ବେଲଗୁଣ୍ଠା ବିଡିଓ ଭାରତୀ ଦେବୀ, କାର୍ଯ୍ୟ ନିର୍ବାହୀ ଅଧିକାରୀ ସାମନ୍ତ ବିଶ୍ୱମ୍ଭର ମହାପାତ୍ର ଯୋଗ ଦେଇଥିଲେ।

**ଖଲ୍ଲିକୋଟ,(ପ୍ରଶାନ୍ତ କୁମାର ମିଶ୍ର)–** ଖଲ୍ଲିକୋଟସ୍ଥିତ ମର୍ଦ୍ଦରାଜ କଲ୍ୟାଣ ମଣ୍ଡପଠାରେ ବ୍ଲକ ପ୍ରଶାସନ ଓ ଏନଏସି ପକ୍ଷରୁ ହୋଇଥିବା କାର୍ଯ୍ୟକ୍ରମରେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ମୁଖ୍ୟଅତିଥି,ବିଡିଓ ଦେବାଶିଷ ସାମଲ, ତହସିଲଦାର ଆର୍ଯ୍ୟ କୁମାର ସର୍ବଦମନ, ବ୍ଲକ ଅଧ୍ୟକ୍ଷା କୁମାରୀ ଦାସ, ଉପାଧ୍ୟକ୍ଷା ଭାରତୀ ମହାରଣା, ଏମ୍‌ପି ପ୍ରତିନିଧି ଜଙ୍ଗେଶ୍ୱର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ୧୬ ଜଣଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା।

**ପୋଲସରା,(ସୁବ୍ରତ ବେହେରା)–** ପୋଲସରା ରଣୀପଡା କଲ୍ୟାଣ ମଣ୍ଡପରେ ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ନିର୍ବାହୀ ଅଧିକାରୀ ଋଷି ମାଝି ଅଧ୍ୟକ୍ଷତା କରିଥିଲେ। ଭାଜପା ଯୁବ ନେତା ମନୋଜ ଖଟୁଆ, ମୋଚିରାମ ସାହୁ, ଶ୍ରୀକାନ୍ତ ଲେଙ୍କା, ରାମକୃଷ୍ଣ ପ୍ରଧାନ, ନଗର ମଣ୍ଡଳ ସଭାପତି ପ୍ରସନ୍ନ ଡାକୁଆ, ଜନାର୍ଦ୍ଦନ ସାମଲ ଅତିଥି ଭାବେ ଉପସ୍ଥିତ ଥିଲେ। ପରେ ଚାରାରୋପଣ କରାଯାଇଥିଲା।

**ରମ୍ଭା,(ବନବାସୀ ସେଠୀ)–** ରମ୍ଭା ଏନଏସି ନିର୍ବାହୀ ଅଧିକାରୀ ଆଶାଲତା ରଚମାଳାଙ୍କ ତତ୍ତ୍ୱାବଧାନରେ ଅଧ୍ୟକ୍ଷା ମାନସୀ ସ୍ୱାଇଁଙ୍କ ସଭାପତିତ୍ୱରେ ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଏହି ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ କାଳିଆ ତରେଇ, ବିଧାୟକ ପ୍ରତିନିଧି ସିମାଞ୍ଚଳ ବାଡତ୍ୟା,ଅଙ୍ଗନୱାଡି କର୍ମୀ ବିଷ୍ଣୁପ୍ରିୟା ସାହୁ. ସରୋଜ ଦାଶ, ଦୀପକ ବିଷୋୟୀ, ଜି. ସଙ୍ଗମ ଚୌଧୁରୀ, ସର୍ବନାମ ଦାଶ, ଡଲି ଦାସ, ଜେଇ ଲୋକନାଥ ପାଢ଼ୀ, ଅଧ୍ୟକ୍ଷା ପ୍ରତିନିଧି କାହ୍ନା ସ୍ୱାଇଁ ଉପସ୍ଥିତ ଥିଲେ।

**ଦିଗପହଣ୍ଡି,(ଅଶେଷ ନାଥ ମିଶ୍ର)–** ଦିଗପହଣ୍ଡିରେ ବ୍ଲକ ଓ ଏନଏସି ପକ୍ଷରୁ ପୁଞ୍ଜିକଂୟା ଛକସ୍ଥିତ ଏକ କଲ୍ୟାଣ ମଣ୍ଡପ ଏବଂ ଏନଏସି କଲ୍ୟାଣ ମଣ୍ଡପରେ କାର୍ଯ୍ୟକ୍ରମ ହୋଇଥିଲା। ସିଡିପିଓ ପୁଷ୍ପାଞ୍ଜଳି ଶତପଥୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ରାଜୀବ ଚନ୍ଦ୍ର ପ୍ରଧାନ, ଜିପିଡିଓ ଉମେଶ ଚନ୍ଦ୍ର ସେଠୀ, ଯୋଗାଣ ନିରୀକ୍ଷକ ବ୍ରଜେଶ୍ୱର ରାୟ , ବିଏସ୍‌ଏସ୍‌ଓ ରଶ୍ମୀ ପ୍ରକାଶିନୀ ଜାନୀ , ବ୍ଲକ ଉପାଧ୍ୟକ୍ଷା ସୁକାନ୍ତି ପ୍ରଧାନ, ଜିଲା ପରିଷଦ ସଦସ୍ୟ ବିପିନ ଚନ୍ଦ୍ର ପ୍ରଧାନ, ରାଧାକାନ୍ତ ମହାଙ୍କୁଡ, ପୂର୍ବତନ ସରପଞ୍ଚ ବି.କ୍ରିଷ୍ଣା ରାଓ ସୁବୁଦ୍ଧି, ସରପଞ୍ଚ ଫନୀନ୍ଦ୍ର ଚନ୍ଦ୍ର ଗୋସ୍ୱାମୀ ଉପସ୍ଥିତ ଥିଲେ। ସେହିପରି ଏନଏସି କଲ୍ୟାଣ ମଣ୍ଡପରେ ହୋଇଥିବା କାର୍ଯ୍ୟକ୍ରମରେ ନିର୍ବାହୀ ଅଧିକାରୀ ଅଶୋକ କର୍ଣ୍ଣ ସଭାପତିତ୍ୱ କରିଥିଲେ।

